# ଇତି

କବି ତୁମେ ଏବେ ଯେ 'ଆରମ୍ଭ' କରିଥିଲ

ଏତେ ଶୀଘ୍ର ଇତି କରିଦେଲ !

ଏ 'ଇତି' ସେ 'ଇତି' ନୁହେଁ; ଇଏ ଏକ ଭିନ୍ନ 'ଇତି'

କେବେ କ'ଣ ଇତି ହୋଇପାରେ

Shelley ଙ୍କ "The Masque of Anarchy"

କେବେ କ'ଣ ମରିପାରେ

ବଙ୍କିମଙ୍କ "ବନ୍ଦେ ମାତରମ..."

ଶେଷ ହୋଇପାରେ

ମୋ ଗାଁ ଚାରଣ କବିଙ୍କ "ଚାରିଦିନ ଭୋକିଲା" ର ଚାରି ଧାଡି ?

ସେ ତ ଇତି ଚାହେଁ

ବ୍ୟବଧାନ ଧନୀ – ଦରିଦ୍ରର

ଅତ୍ୟାଚାର ରାଜତନ୍ତ୍ର – ଗଣତନ୍ତ୍ରର

ଶୀତଳ ଯୁଦ୍ଧ ଧର୍ମଗୁରୁମାନଙ୍କର ।

କହିଲ ଦେଖି

କ'ଣ ତଫାତ ଅମ୍ବାନୀ ଭାଇ

ଆଉ ଆମ ଗାଁ ଫକିଆ-ଫଗୁଆ ଭିତରେ

ସେମାନେ ଲଢନ୍ତି

କୋଟି କୋଟି ଟଙ୍କା ପାଇଁ, ବାଟି ବାଟି ସମ୍ପତି ପାଇଁ,

ଏମାନେ ଲଢନ୍ତି

ଧାନ ଗଉଣିଏ ପାଇଁ, କଡିଏ ଦି' କଡି ଘରବାଡି ପାଇଁ ।

ଅବଶ୍ୟ ସେମାନଙ୍କ କଳି

ପ୍ରମୁଖ ଗଣମାଧ୍ୟମର ପ୍ରଚ୍ଛଦ ପ୍ରସଙ୍ଗ ହୁଏ

ସର୍ବୋଚ୍ଚ ନ୍ୟାୟାଳୟ କୁ ଯାଏ,

ଏମାନଙ୍କ କଳି

ଗାଁ ରାଜନୀତିର ଖୋରାଖ ଯୋଗାଏ

ମନ୍ଦିର ବେଢା ରୁ ଆରମ୍ଭ ହୁଏ

ସ୍କୁଲ ପିଣ୍ଡାରେ ସରିଯାଏ ।

ଭିନ୍ନ କ'ଣ ଏବେର ମନ୍ତ୍ରୀମାନେ ଯନ୍ତ୍ରୀମନେ

ଆଗର ଜମିଦାରମାନଙ୍କଠାରୁ

ସେମାନେ ଏବେ ବି ଲୁଣ୍ଠନ୍ତି

'ସାରିଆ – ଭଗିଆ' ମାନଙ୍କୁ

"ଛ'ମାଣ ଆଠ ଗୁଣ୍ଠ" ଛଡାଇ ନିଅନ୍ତି

ଶିଳ୍ପର ଆଳରେ, ଚାକିରୀର ପ୍ରଲୋଭନରେ;

ଅବଶ୍ୟ ଜମିଦାରମାନେ ହାତରେ ମାରନ୍ତି

ଏମାନେ ଭାତରେ ରେ ମାରନ୍ତି ।

ସତରେ ବିଚରା କବିଟି

ସେବେ ବି ଚାହିଁଥିଲା

ଏବେବି ଚାହୁଁଛି ଇତି

ପଶୁତ୍ୱର , ଅମାନବିକତାର, ମିଥ୍ୟା ପ୍ରତିଶ୍ରୁତିର,

ପାଚେରୀ ଧନୀ – ଗରିବର

ତାହାର

ପ୍ରତିଟି କବିତାର କିଶଳୟରେ,

ପ୍ରତିଟି ଛାନ୍ଦର ତାଳେ ତାଳେ,

ପ୍ରତିଟି ନିଶ୍ୱାସ – ପ୍ରଶ୍ୱାସର ଅନ୍ତରାଳେ ।

ହିମାଂଶୁ ଶେଖର ବିଶ୍ୱାଳ

୦୧-୦୩-୨୦୧୨, ମିଚିଗାନ, ଯୁକ୍ତରାଷ୍ଟ୍ର ଆମେରିକା